# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 21 June – 2024

---

## ଅନ୍ତର୍ଜାତୀୟ ଯୋଗଦିବସ

ସାରା ବିଶ୍ୱରେ ଯୋଗପ୍ରତି ଅଧିକ ଲୋକ ଆକର୍ଷିତ ହେଉଛନ୍ତି । ଯୋଗ କେବଳ ଏକ ବିଦ୍ୟା ନୁହେଁ ବରଂ ବିଜ୍ଞାନ ଅଟେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । 'ନିଜ ଓ ସମାଜପାଇଁ ଯୋଗ'ର ବାର୍ତ୍ତା ନେଇ ଆଜି ଦଶମ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଉଛି। ଏହି ଅବସରରେ ଶ୍ରୀନଗରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଯୋଗ ରୋଜଗାରର ମାଧ୍ୟମ ସାଜିଛି । ଯୋଗ-ପର୍ଯ୍ୟଟନ ପ୍ରତି ବିଶେଷକରି ବିଦେଶରେ ଥିବା ଲୋକମାନେ ଆକର୍ଷିତ ହେଉଛନ୍ତି । ଏହାସହ ଯୋଗ ଉପରେ ବିଶ୍ୱସ୍ତରରେ ଗବେଷଣା ହେଉଛି । ଯୋଗ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବାର୍ତ୍ତାରେ କହିଛନ୍ତି, ଯୋଗ ହେଉଛି ଭାରତୀୟ ଦର୍ଶନ ଓ ଜ୍ଞାନପୁଞ୍ଜର ଏକ ଅନୁଭୂତିସିଦ୍ଧ ବିଭବ । ଏହି ଲକ୍ଷ୍ୟ ସାଧନ ନିମନ୍ତେ ନିୟମିତ ଯୋଗାଭ୍ୟାସ କରିବାକୁ ସେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆଜି ରାଜ୍ୟସ୍ତରୀୟ ଯୋଗଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଛନ୍ତି। ତାଙ୍କ ସହ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ୍ୟ ଉପସ୍ଥିତ ଥିଲେ ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ନୂଆପଲ୍ଲୀସ୍ଥିତ କସ୍ତୁରବା ସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ସମାରୋହରେ ଯୋଗ ଦେଇଛନ୍ତି। ସେହିଭଳି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ସାଂସଦ ସମ୍ବିତ ପାତ୍ର କୋଣାର୍କଠାରେ

ଯୋଗଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବାଚସ୍ପତି ସୁରମା ପାଢ଼ୀ ନୟାଗଡ଼ରେ ଏବଂ ରାଜ୍ୟ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ, ସାଂସଦ ଏବଂ ବିଧାୟକ ବିଭିନ୍ନ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଖବର ଆମର ହସ୍ତଗତ ହୋଇଛି ।

# ଧର୍ମେନ୍ଦ୍ର ପ୍ରଧାନ-ଛାତ୍ରଛାତ୍ରୀ

ଦେଶର ଛାତ୍ରଛାତ୍ରୀଙ୍କୁ ସ୍ୱାର୍ଥ ରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ପ୍ରତି ଦେଶରେ ନିଟ୍-ୟୁଜି ପରୀକ୍ଷା ବିବାଦ ସମ୍ପର୍କରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ତ୍ରୁଟିଶୂନ୍ୟ ପରୀକ୍ଷା କରାଇବା ସରକାରଙ୍କ ପ୍ରତିବଦ୍ଧତା । ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସରକାର କାର୍ଯ୍ୟକରିବା ସହ କୌଣସି ସ୍ଥିତିରେ ବି ଏଥିରେ ବୁଝାମଣା କରାଯିବ ନାହିଁ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଏହି ପରୀକ୍ଷା ପରିଚାଳନା କରିଥିବା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ଯେ କୌଣସି ଅଧିକାରୀ ବା ଅନ୍ୟ ଯେକୌଣସି ବ୍ୟକ୍ତି ଏଥିରେ ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏନ୍‌ଟିଏରେ ସଂସ୍କାର ନେଇ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବେ । ଏହାର ସୁପାରିଶ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ତେବେ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଗୁଜବରୁ ଦୂରେଇ ରହିବା ପାଇଁ ଶିକ୍ଷାମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

# ଭର୍ତ୍ତୃହରି ମହତାବ-ଅସ୍ଥାୟୀ ବାଚସ୍ପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଅଷ୍ଟାଦଶ ଲୋକସଭାରେ ଅସ୍ଥାୟୀ ବାଚସ୍ପତି ଭାବେ ନିଯୁକ୍ତ କରିଛନ୍ତି । ଶ୍ରୀ ମହତାବ ବାଚସ୍ପତି ନିଯୁକ୍ତ ହେବା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ଅନ୍ୟ ଲୋକସଭା ସଦସ୍ୟ ମାନଙ୍କୁ ଶପଥପାଠ କରାଇବେ ।

# ଛତିଶାନିଯୋଗ ବୈଠକ

ଶ୍ରୀକ୍ଷେତ୍ର ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ତଥା ସୁରୁଖୁରୁରେ ସମ୍ପନ୍ନ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଛତିଶାନିଯୋଗର ସଦସ୍ୟମାନଙ୍କ ସହିତ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଚଳିତବର୍ଷ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ଏକତ୍ର ସମ୍ପନ୍ନ ହେଉଥିବାରୁ ଏହା ଏକ ବିରଳ ସଂଯୋଗ । ତେଣୁ ଶ୍ରଦ୍ଧାଳୁମାନେ ଯେଭଳି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସୁରୁଖୁରୁରେ ଦର୍ଶନ କରିପାରିବେ ଏବଂ ସମସ୍ତ କାର୍ଯ୍ୟ ଠିକ୍‌ଭାବେ ପରିଚାଳନା ହୋଇପାରିବ ସେଥିଲାଗି ଶ୍ରୀ ମାଝୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ଏଥିଲାଗି ଛତିଶା ନିଯୋଗର ସଦସ୍ୟମାନେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେବା ସହ ଶ୍ରୀମନ୍ଦିର ଲାଗି ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା କରିଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଶ୍ରୀଜିଉ ଦର୍ଶନ ବନ୍ଦ

ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜିଉମାନଙ୍କର ସ୍ନାନପୂର୍ଣ୍ଣିମା ପାଇଁ ସେନାପଟାଲାଗି ନୀତି ନିମନ୍ତେ ଗତକାଲି ମଧ୍ୟରାତ୍ରଠାରୁ ଆଜି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି । ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ଗତକାଲି ଦଇତା ପ୍ରବେଶ ନୀତି ହୋଇଛି । ଘୋଷଯାତ୍ରାପାଇଁ ଶ୍ରୀମନ୍ଦିରରେ ଦଇତାପତି ସେବକ ପ୍ରବେଶ କରିବାର ପରମ୍ପରା ରହିଛି । ଗତକାଲିଠାରୁ ଏକମାସ ଧରି ଦଇତାପତି ସେବକମାନେ ଶ୍ରୀଜିଉମାନଙ୍କର ଶ୍ରୀଅଙ୍ଗ ସେବା କାର୍ଯ୍ୟରେ ନିୟୋଜିତ ରହିବେ । ସୂଚନାଯୋଗ୍ୟ, ଆସନ୍ତାକାଲି ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ । ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି । ମହାପ୍ରଭୁ ଦିବ୍ୟସ୍ନାନ କରବା ପରେ ଶ୍ରଦ୍ଧାଳୁମାନଙ୍କୁ ସ୍ନାନମଣ୍ଡପରେ ଗଜବେଶରେ ଦର୍ଶନ ଦେବେ ।

## ଉପମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ

ଗ୍ରାମାଞ୍ଚଳରେ ସାଂସ୍କୃତିକ ଓ ଐତିହାସିକ ଗୌରବ ବହନ କରୁଥିବା ସ୍ଥାନଗୁଡ଼ିକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ଉପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଗୁରୁତ୍ୱାରୋପ କରିଛନ୍ତି । ପର୍ଯ୍ୟଟନ ବିଭାଗର କାର୍ଯ୍ୟଧାରା ସମ୍ପର୍କରେ ଗତକାଲି ସମୀକ୍ଷା କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ପରିଡ଼ା କହିଛନ୍ତି ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ରାଜ୍ୟର ଅବହେଳିତ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତିକରାଯିବା ଉଚିତ୍ । ଏଥିସହ ପର୍ଯ୍ୟଟନର ଅଭିବୃଦ୍ଧି ଲାଗି ବିଦେଶୀ ପର୍ଯ୍ୟଟନକଙ୍କୁ

ଆକୃଷ୍ଟ କରିବା ଲାଗି ବଜେଟ୍‌ରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଛନ୍ତି ।

# ଡ୍ରେନ୍‌ରେ ପଡ଼ି ମୃତ୍ୟୁ-ଯନ୍ତ୍ରୀ ନିଲମ୍ବିତ

ଭୁବନେଶ୍ୱରରେ ଗତ ୧୮ ତାରିଖ ଦିନ ଡ୍ରେନ୍‌ରେ ବୁଡ଼ି ଜଣୈକ ନାବାଳକର ମୃତ୍ୟୁ ହେବା ଘଟଣାରେ ରାଜ୍ୟ ସରକାର ବିଏମ୍‌ସିର ଜଣେ ସହକାରୀ ଯନ୍ତ୍ରୀଙ୍କୁ ନିଲମ୍ବନ କରିଛନ୍ତି । ଏଥିସହିତ ତାଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଛି । ଏହି ଦୁର୍ଘଟଣାର ତଦନ୍ତ ରିପୋର୍ଟ ହସ୍ତଗତ ହେବା ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ।

# ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଗୁରୁତ୍ୱାରୋପ

ସହରାଞ୍ଚଳକ ବିକାଶ ପରେ ପ୍ରାଥମିକତା ଦେବା ସହ ବର୍ଷା ଋତୁରେ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଉପରେ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁତ୍ୱାରୋପ କରିଛନ୍ତି । ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଗତକାଲି ସମୀକ୍ଷା କରିବା ସମୟରେ ସେ ଏହା କହିଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ବିକଶିତ ଭାରତ ଲକ୍ଷ୍ୟରେ ବିକଶିତ ଓଡ଼ିଶା ପାଇଁ ମଧ୍ୟ ସହରାଞ୍ଚଳ ବିକାଶ ତାତ୍ପର୍ଯ୍ୟପୂର୍ଣ୍ଣ । ତେଣୁ ରାଜ୍ୟର ବିଭିନ୍ନ ବିଜ୍ଞପିତ ଅଞ୍ଚଳ ପରିଷଦ, ପୌର ନିଗମ ଓ ମହାନଗର ନିଗମ ଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ

କରିବାକୁ ମନ୍ତ୍ରୀ ଶ୍ରୀ ମହାପାତ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।